# NATIONAL NEWS BULLETIN (ODIA)

## 26 June - 2025

## Morning Bulletin : 7.15 A.M.

**************************************************

## ମୁଖ୍ୟ ସମ୍ବାଦ

- ୪୮ତମ ପ୍ରଗତି ବୈଠକରେ ପ୍ରମୁଖ କ୍ଷେତ୍ର ଗୁଡ଼ିକର ପ୍ରକଳ୍ପ ଗୁଡ଼ିକ ସମ୍ପର୍କରେ ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ ।
- କେନ୍ଦ୍ର କ୍ୟାବିନେଟ୍ ବୈଠକରେ ପୁନେ-ମେଟ୍ରୋ ରେଳ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣକୁ ମିଳିଲା ଅନୁମତି ।
- ନୂଆଦିଲ୍ଲୀରେ 'ଦ ଏମରଜେନ୍ସୀ ଡାଏରିଜ୍' ପୁସ୍ତକ ଉନ୍ମୋଚନ କଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।
- ଆସନ୍ତାକାଲି ପୁରୀରେ ଅନୁଷ୍ଠିତ ହେବ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ଆଜି ନବଯୌବନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ ତିନିଠାକୁର ।

ଏବଂ

- ଆସନ୍ତା ନଭେମ୍ବରରେ ରାଜସ୍ଥାନର ଜୟପୁରରେ ଅନୁଷ୍ଠିତ ହେବ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ।

# ପିଏମ୍‌-ପ୍ରଗତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ୪୮ତମ ପ୍ରଗତି ବୈଠକରେ ଅଧ୍ୟକ୍ଷତା କରି ଖଣି, ରେଳ ଏବଂ ଜଳସମ୍ପଦ ଭଳି ପ୍ରମୁଖ କ୍ଷେତ୍ରର ସମୀକ୍ଷା କରିଛନ୍ତି । ଏହିସବୁ କ୍ଷେତ୍ରଗୁଡ଼ିକ ଦେଶର ଅର୍ଥନୈତିକ ବିକାଶ ଏବଂ ସାମାଜିକ ସଂସ୍କାର ନିମନ୍ତେ ଗୁରୁତ୍ୱପୂର୍ଣ୍ଣ । ବୈଠକରେ ଶ୍ରୀ ମୋଦୀ ବିଭିନ୍ନ ପ୍ରକଳ୍ପ ଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ଲାଗି ଗୁରୁତ୍ୱପ୍ରଦାନ କରିଛନ୍ତି । ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଠିକ୍ ସମୟରେ ଶେଷ ନହେବା ଯୋଗୁଁ ଅଧିକ ଅର୍ଥ ଖର୍ଚ୍ଚ ହେବା ଏବଂ ଜନସାଧାରଣଙ୍କୁ ଅତ୍ୟାବଶ୍ୟକ ସେବା ଯୋଗାଇବାରେ ବିଳମ୍ବ ହେଉଥିବା ପ୍ରଧାନମନ୍ତ୍ରୀ କହିଛନ୍ତି ।

ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଯୋଜନାରେ ରାଜ୍ୟଗୁଡ଼ିକ ସ୍ୱାସ୍ଥ୍ୟ ଭିତ୍ତିଭୂମି ନିର୍ମାଣ ଦିଗରେ ଗୁରୁତ୍ୱ ଦେବାକୁ ଶ୍ରୀ ମୋଦୀ କହିଛନ୍ତି। ବିଶେଷକରି ଆକାଂକ୍ଷିତ ଜିଲ୍ଲା ଗୁଡ଼ିକରେ ଅଗ୍ରାଧିକାର ଭିତ୍ତିରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରତ୍ୟେକ ବର୍ଗର ବ୍ୟକ୍ତିବିଶେଷଙ୍କୁ ସମାନ ଚିକିତ୍ସା ବ୍ୟବସ୍ଥା ଯୋଗାଇଦେବା ଲାଗି ଶ୍ରୀ ମୋଦୀ କହିଛନ୍ତି । ଅନ୍ୟପକ୍ଷରେ ଏହି ବୈଠକରେ ପ୍ରଧାନମନ୍ତ୍ରୀ ପ୍ରତିରକ୍ଷା କ୍ଷେତ୍ରର ସମୀକ୍ଷା କରିଛନ୍ତି । ଅପରେସନ ସିନ୍ଦୂରକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଏହା ଦେଶର ଉନ୍ନୀତ ପ୍ରତିରକ୍ଷା ସାମର୍ଥ୍ୟକୁ ଦର୍ଶାଉଛି ।

# କେନ୍ଦ୍ର କ୍ୟାବିନେଟ୍ ଡିସିସନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୩ହଜାର ୬୨୬କୋଟି ଟଙ୍କା ବ୍ୟୟରେ ପୁନେ ମେଟ୍ରୋ ରେଳ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣକୁ ଅନୁମୋଦନ ମିଳିଛି । କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ୧୩ଟି ଷ୍ଟେସନ ସହିତ ନୂତନ ମେଟ୍ରୋଲାଇନ୍ ଭାବରେ ଅତିରିକ୍ତ ୧୨ ଦଶମିକ ୭/୫ କିଲୋମିଟର ନିର୍ମାଣ କରାଯିବ । ଏହି ରେଳପ୍ରକଳ୍ପ ପ୍ରଯୁକ୍ତି ବିଦ୍ୟା ହବ୍, ବାଣିଜ୍ୟିକ କ୍ଷେତ୍ର, ଶିକ୍ଷାନୁଷ୍ଠାନ ଏବଂ ଆବାସିକ କ୍ଷେତ୍ରଗୁଡ଼ିକୁ ସେବା ଯୋଗାଇବା ସହ ସାଧାରଣ ପରିବହନ କ୍ଷେତ୍ରରେ ପରିବର୍ତ୍ତନ ଆଣିବ ।

**V/O (Aswini on Pune Metro)**

ଶ୍ରୀ ବୈଷ୍ଣବ କହିଛନ୍ତି କେନ୍ଦ୍ର କ୍ୟାବିନେଟ୍ ଝାଡ଼ଖଣ୍ଡର ଝରିଆ କୋଇଲା କ୍ଷେତ୍ରର ପୁନରୁଦ୍ଧାର ପାଇଁ ସଂଶୋଧିତ ମାଷ୍ଟର ପ୍ଲାନକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ମାଷ୍ଟରପ୍ଲାନ କାର୍ଯ୍ୟକାରୀ ହେବା ସହିତ କ୍ଷତିଗ୍ରସ୍ତ ପରିବାର ଗୁଡ଼ିକର ପୁର୍ନବାସ ସମ୍ବନ୍ଧୀୟ ସମସ୍ୟାର ସମାଧାନ କରାଯିବ । ଏହି ସଂଶୋଧିତ ଯୋଜନା ପାଇଁ ୫ହଜାର ୯୪୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । କ୍ୟାବିନେଟ୍‌ର ଅନ୍ୟଏକ ନିଷ୍ପତ୍ତି ଅନୁଯାୟୀ ଉତ୍ତରପ୍ରଦେଶର ଆଗ୍ରାରେ ଆନ୍ତର୍ଜାତୀୟ ଆଳୁ କେନ୍ଦ୍ରର ଦକ୍ଷିଣ ଏସିଆ ଆଞ୍ଚଳିକ କେନ୍ଦ୍ର ପ୍ରତିଷ୍ଠା ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଏଥିରେ ବିଭିନ୍ନ ପ୍ରକାର ଆଳୁ ଉତ୍ପାଦନ

ଏବଂ ଅମଳ ପରବର୍ତ୍ତୀ ପରିଚାଳନା ସହ କୃଷକଙ୍କ ଆୟ ଏବଂ ନିଯୁକ୍ତି ସୃଷ୍ଟିରେ ସହାୟତା କରିବ ।

**V/O (Aswini on Patato Institute)**

କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଜରୁରୀକାଳୀନ ପରିସ୍ଥିତି ଘୋଷଣାର ୫୦ବର୍ଷ ପାଳନ ଉପରେ ଏକ ସଂକଳ୍ପ ପାରିତ ହେବା ସହ ସାମ୍ବିଧାନିକ ଭାବରେ ଦିଆଯାଇଥିବା ଗଣତାନ୍ତ୍ରିକ ଅଧିକାର ଛଡାଇ ନିଆଯାଇଥିବା ଲୋକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ସ୍ୱରୂପ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଏହାବ୍ୟତୀତ ମହାକାଶ ମିଶନ ଆକ୍ସିୟମ-୪ ମିଶନର ସଫଳ ଉତ୍କ୍ଷେପଣ ନେଇ ମଧ୍ୟ ଏକ ସଂକଳ୍ପ ପାରିତ ହୋଇଥିଲା ।

# ପିଏମ୍-କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କ୍ୟାବିନେଟ୍ ନିଷ୍ପତ୍ତିଗୁଡ଼ିକୁ ପ୍ରଶଂସା କରି କହିଛନ୍ତି ତାଙ୍କ ସରକାର କୃଷକଙ୍କ କଲ୍ୟାଣ ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ଆଗ୍ରାରେ ଅନ୍ତର୍ଜାତୀୟ ଆଳୁ କେନ୍ଦ୍ରର ଦକ୍ଷିଣ ଏସିଆ ଆଞ୍ଚଳିକ କେନ୍ଦ୍ର ପ୍ରତିଷ୍ଠା ଆଳୁ ଉତ୍ପାଦନ ସହ ଜଡିତ ଚାଷୀମାନଙ୍କୁ ଲାଭାନ୍ୱିତ କରିବ ବୋଲି କହିଛନ୍ତି । ପୁନେ-ମେଟ୍ରୋ ରେଳପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ ବିଷୟରେ ଶ୍ରୀ ମୋଦୀ କହିଛନ୍ତି, ଦେଶର ଅର୍ଥନୈତିକ ବିକାଶରେ ପୁନେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଉଛି ।

ମେଟ୍ରୋ ସେବା ବିସ୍ତାର ହେଲେ ଏହା ପରିବହନ ବୃଦ୍ଧି କରିବା ସହ ଲୋକଙ୍କ ଜୀବନକୁ ମଧ୍ୟ ସହଜ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ପିଏମ୍ ଏମର୍ଜନ୍ସି ବୁକ୍

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ନୂଆଦିଲ୍ଲୀରେ 'ଦ ଏମରଜେନ୍ସି ଡାଏରିଜ୍-ଇୟର୍ସ ଦ୍ୟାଟ୍ ଫର୍ଜଡ ଏ ଲିଡର' ପୁସ୍ତକ ଉନ୍ମୋଚନ କରିଛନ୍ତି । ଏହି ପୁସ୍ତକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେତେବେଳର ଜଣେ ଆର୍.ଏସ୍.ଏସ୍ ପ୍ରଚାରକ କିଭଳି ଜରୁରୀକାଳୀନ ପରିସ୍ଥିତି ବିରୁଦ୍ଧରେ ଲଢ଼ିଥିଲେ ତାହା ବର୍ଣ୍ଣନା କରାଯାଇଛି । ଶ୍ରୀ ଶାହା ଜରୁରୀକାଳୀନ ପରିସ୍ଥିତିର ୫୦ତମ ବାର୍ଷିକ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ପୁସ୍ତକ ଉନ୍ମୋଚନ କରିଛନ୍ତି ।

**V/O (Amit Saha on PM Emergency)**

ଏହି ଅବସରରେ ଶ୍ରୀ ଶାହା ଜରୁରୀକାଳୀନ ପରିସ୍ଥିତି ସମୟରେ ଲୋକଙ୍କ ଉପରେ ହୋଇଥିବା ଅତ୍ୟାଚାର ଉପରେ ଆଲୋଚନା କରିଥିଲେ । ସେ କହିଥିଲେ ଜରୁରୀକାଳୀନ ପରିସ୍ଥିତିର ସ୍ମୃତିକୁ ଜୀବନ୍ତ ରଖିବା ପାଇଁ ଏବଂ ଏହାର କିଭଳି ପୁନରାବୃତ୍ତି ହେବ ନାହିଁ ତାହା ସମସ୍ତେ ହୃଦୟଙ୍ଗମ କରିବା ଆବଶ୍ୟକ । ଶ୍ରୀ ମୋଦୀଙ୍କ ଜରୁରୀକାଳୀନ ପରିସ୍ଥିତି ବିରୋଧରେ ଲଢ଼େଇ ସମ୍ପର୍କରେ ଶ୍ରୀ ଶାହା କହିଛନ୍ତି ଜଣେ ୨୫ ବର୍ଷୀୟ ବାଳକ ଇନ୍ଦିରା ଗାନ୍ଧୀଙ୍କ ଏକଛତ୍ରବାଦକୁ ବିରୋଧ କରିଥିଲେ ଏବଂ ସେହି ବ୍ୟକ୍ତି ୨୦୧୪ ମସିହାରେ ଜରୁରୀକାଳୀନ ପରିସ୍ଥିତି ଲାଗୁ ହୋଇଥିବା କାରଣର ମୂଳୋତ୍ପାଟନ କରିଥିଲେ । ସେ କହିଥିଲେ ଏକଛତ୍ରବାଦ ବିରୋଧରେ ସଂଘର୍ଷ କରିଥିବା

ଯୁବକମାନେ ଏବେ ସେହି ଦେଶର ଗଣତନ୍ତ୍ରର ମୁଳଦୁଆକୁ ମଜଭୁତ କରୁଛନ୍ତି ।

ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ୧୯୭୫ ମସିହାରେ ଜରୁରୀକାଳୀନ ପରିସ୍ଥିତି ସମୟରେ ଏକଛତ୍ରବାଦ ଏବଂ ସେନସରସିପ ବିରୋଧରେ ଲଢ଼ିଥିବା ସାହସୀ ଯୋଦ୍ଧାମାନଙ୍କୁ ମନେ ପକାଇବାର ସୁଯୋଗ ଆସିଛି । ସେ କହିଛନ୍ତି ଜରୁରୀକାଳୀନ ପରିସ୍ଥିତି ଭାରତୀୟ ଗଣତନ୍ତ୍ରର ସବୁଠାରୁ କଳା ଅଧ୍ୟାୟ ହୋଇ ରହିବ । ଯେଉଁଥିରେ ନାଗରିକଙ୍କ ମୌଳିକ ଅଧିକାରକୁ ପଦାନତ କରାଯାଇଥିଲା ଏବଂ ଗଣତନ୍ତ୍ରର ସମସ୍ତ ୪ଟି ସ୍ତମ୍ଭ ଉପରେ ଆକ୍ରମଣ କରାଯାଇଥିଲା ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ‘ଦ ଏମର୍ଜନ୍ସି ଡାଏରିଜ୍’ ପୁସ୍ତକ ଜରୁରୀକାଳୀନ ବର୍ଷ ଗୁଡ଼ିକରେ ତାଙ୍କ ଯାତ୍ରାର ବର୍ଣ୍ଣନା କରୁଛି । ସେହି ସମୟରେ ସେ ଯୁବ ଆର୍.ଏସ୍.ଏସ୍ ପ୍ରଚାରକ ଥିଲେ । ସେ କହିଛନ୍ତି ଏହା ଭାରତର ଗଣତାନ୍ତ୍ରିକ ଢ଼ାଞ୍ଚାକୁ ସଂରକ୍ଷଣ କରିବାର ପ୍ରାଣଶକ୍ତିକୁ ପୁନଃନିର୍ମାଣ କରିଥିଲା ।

# ନବଯୌବନ ଦର୍ଶନ

ଓଡ଼ିଶାର ଶ୍ରୀକ୍ଷେତ୍ର ପୁରୀରେ ଆସନ୍ତାକାଲି ବିଶ୍ୱପ୍ରସିଦ୍ଧ ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଆଜି ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ନବଯୌବନ ଦର୍ଶନ ଅନୁଷ୍ଠିତ ହେବ । ସ୍ନାନପୂର୍ଣ୍ଣିମା ପରେ ଶ୍ରୀଜୀଉମାନେ ଅନବସରରେ ୧୫ଦିନ ରହରି ପରେ ଆଜି ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେବେ ।

ପରମ୍ପରା ଅନୁଯାୟୀ ପ୍ରଥମେ ଶ୍ରୀବିଗ୍ରହମାନଙ୍କର ଚକା ଅପସର ନୀତି ଅନୁଷ୍ଠିତ ହେବ । ପରେ ମଙ୍ଗଳଆଳତୀ, ମଇଲମ ଓ ଅବକାଶ ନୀତି ହୋଇ ଠାକୁରଙ୍କ ବାହୁଡ଼ାବିଜେ ନୀତି ହେବ । ଏହାପରେ ସାହାଣମେଳାରେ ପ୍ରଭୁ ଦର୍ଶନ ଦେବେ । ରାତିରେ ଦଇତାପତି ସେବକମାନେ ମହାପ୍ରଭୁଙ୍କ ସେନାପଟା ଲାଗି କରିବେ ।

ସେହିଭଳି ଆଜି ରଥଖଳାରୁ ଶ୍ରୀମନ୍ଦିର ନିକଟକୁ ତିନି ରଥ ଟଣାଯିବ । ସକାଳ ଧୂପ ଶେଷ ହେବା ପରେ କାଳିଆ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଆଣି ରଥଖଳା ନିକଟକୁ ବିଜେ କରିବେ ।

ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ନିମନ୍ତେ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଓଡ଼ିଶା ପୁଲିସ୍ ପକ୍ଷରୁ ଟ୍ରାଫିକ୍ ପରିଚାଳନା ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି । ପୁରୀ ଅଞ୍ଚଳରେ ୨୭୫ ଏ.ଆଇ. ଅନୁବନ୍ଧିତ ସି.ସି.ଟି.ଭି. ବ୍ୟବସ୍ଥା କରାଯିବା ସହ ୨୦୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ, ୮ କମ୍ପାନୀ ବି.ଏସ୍.ଏଫ୍. ଏବଂ ସି.ଆରତ.ପି.ଏଫ୍. ଯବାନମାନଙ୍କୁ ମୁତୟନ କରାଯାଇଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

# ଅପରେସନ ସିନ୍ଧୁ

ଅପରେସନ ସିନ୍ଧୁ ଅଧୀନରେ ଇରାନ୍‌ରୁ ୩ହଜାର ୧୫୪ଜଣ ଭାରତୀୟ ନାଗରିକଙ୍କୁ ସୁରକ୍ଷିତ ଭାରତ ଅଣାଯାଇଛି । ଗତ ସଂଧ୍ୟାରେ

ଇରାନ୍‌ର ମାସହାଦରୁ ୨୯୬ଜଣ ଭାରତୀୟ ଏବଂ ୪ଜଣ ନେପାଳୀ ନାଗରିକଙ୍କୁ ନେଇ ଏକ ସ୍ୱତନ୍ତ୍ର ବିମାନ ନୂଆଦିଲ୍ଲୀରେ ପହଞ୍ଚିଛି ।

ଅନ୍ୟପକ୍ଷରେ ଅପରେସନ ସିନ୍ଧୁ ଅଧୀନରେ ଇସ୍ରାଏଲରୁ ୮୧୮ଜଣ ଭାରତୀୟ ନାଗିରକଙ୍କୁ ସୁରକ୍ଷିତ ଅଣାଯାଇଛି । କେନ୍ଦ୍ର ଶ୍ରମ ଓ ନିଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଶୋଭା କରନ୍ଦଲାଜେ ଭାରତୀୟ ବାୟୁସେନା ବିମାନରେ ଇସ୍ରାଏଲରୁ ଫେରିଥିବା ୨୨୪ଜଣ ଭାରତୀୟ ନାଗରିକଙ୍କୁ ବିମାନ ବନ୍ଦରରେ ସ୍ୱାଗତ କରିଥିଲେ । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଭାରତୀୟ ନାଗିରକଙ୍କ ସୁରକ୍ଷା ସରକାରଙ୍କ ପ୍ରାଥମିକତା ।

## ଖେଲୋ ଇଣ୍ଡିଆ-ସ୍ପୋର୍ଟ୍‌ସ

ଆସନ୍ତା ନଭେମ୍ବର ମାସରେ ଚଳିତବର୍ଷ ଖେଲୋଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ରାଜସ୍ଥାନର ଜୟପୁରରେ ଅନୁଷ୍ଠିତ ହେବ । ୨୦୦ରୁ ଅଧିକ ବିଶ୍ୱବିଦ୍ୟାଳୟରେ ୪ହଜାରରୁ ଅଧିକ ଖେଳାଳି ଏହି କ୍ରୀଡ଼ାରେ ଭାଗନେବେ । ମୋଟ୍ ୨୦ଟି ବିଭାଗରେ ପ୍ରତିଯୋଗିତା ହେବ । ଏହି ବିଷୟ ଘୋଷଣା କରି କେନ୍ଦ୍ର ଯୁବବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବୀୟ କହିଛନ୍ତି ଦେଶର ଅନେକ ଖେଳାଳିଙ୍କୁ ଶ୍ରେଷ୍ଠତା ହାସଲ ଦିଗରେ ଖେଲୋଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ସୁଯୋଗ ପ୍ରଦାନ କରିବ ।